# ତହସିଲଦାରଙ୍କ କାର୍ଯ୍ୟାଳୟ,ଜମନକିରା

(Rule 34(e) odisha Survey And Settlement Rues,1962)

## ସର୍ବସାଧାରଣ ବିଜ୍ଞପ୍ତି

ପ୍ରୋ:ସଂ:ନଂ - ୧୯୧/ତା ୩୦.୦୪.୨୦୨୪

ବିବିଧ ରାଜସ୍ୱ ମୋକଦ୍ଦମା ନମ୍ବର - ୦୨/୨୦୨୪

ଏତଦଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା-ବୁଦେଲକାନୀ ଅନ୍ତର୍ଗତ ନିମ୍ନ ତଫସିଲଭୁକ୍ତ ସରକାରୀଜମିକୁ ବୁଦେଲକାନୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୋଠାଘର ଓ ଖେଳ ପଡିଆ (School Building & Playground) ନିମନ୍ତେ ହସ୍ତାନ୍ତର କରିବାପାଇଁଗୋଷ୍ଠୀ ଶିକ୍ଷାଧିକାରୀ ଜମନକିରା ଆବେଦନ କରିଛନ୍ତି ।କିନ୍ତୁ ଏହି ତଫସିଲଭୁକ୍ତ ଜମିର ସରକାରୀ ଖତୀୟାନ ର ମନ୍ତବ୍ୟ ଖାନାରେ ନିମ୍ନ ମନ୍ତବ୍ୟ ଉଲ୍ଲେଖ ଅଛି । ଆବଶ୍ୟକ ଜମିକୁ ହସ୍ତାନ୍ତର କରିବା ପୂର୍ବରୁ ତଫସିଲଭୁକ୍ତ ଜମିର ରେକର୍ଡ ରୁ ଉକ୍ତ ମନ୍ତବ୍ୟ କୁ ମନ୍ତବ୍ୟ ଖାନାରୁ ବିଲୋପ କରିବାପାଇଁ ଏବଂ ଜମିର କିସମକୁ ପରିବର୍ତ୍ତନ କରି ପତିତ କିସମ କରିବାକୁ ପ୍ରସ୍ତାବିତ ହୋଇଅଛି । ଏଣୁ ଏହି ବାବଦକୁ ଯଦି କାହାର ଆପତ୍ତି, ଅଭିଯୋଗ ଥାଏ, ତାହାହେଲେ ଏହି ଘୋଷଣା ହେବାର ୧୫ ଦିନ ମଧ୍ୟରେ ଆବଶ୍ୟକ କୋର୍ଟ ଫୀ ସହ ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ରେ ଆପତ୍ତି କରିପାରିବେ । ଧାର୍ଯ୍ୟ ସମୟଗତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

" ତଫସିଲଭୁକ୍ତ ଜମି "

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ହାଲ କିସମ | ପ୍ରସ୍ତାବିତ କିସମ | ରକବା ଏକର | ମନ୍ତବ୍ୟ |
|---|---|---|---|---|---|---|
| ବୁଦେଲକାନୀ | ୬୬ (ସର୍ବସାଧାରଣ) | ୫୮୬ | ରାସ୍ତା | ପତିତ | ୦.୦୫ | ହାଲ କିସମ ଘର ମୌ:ଖମାରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ |
| | | ୫୮୭ | ରାସ୍ତା | ପତିତ | ୦.୦୨ | ହାଲ କିସମ ଘର ମୌ.ଖମାରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, |
| | | ୫୮୮ | ରାସ୍ତା | ପତିତ | ୦.୭୮ | ହାଲ କିସମ ଘର ମୌ:ଖମାରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ |
| ମୋଟ | ୧ ଖାତା | ୩ ପ୍ଲଟ | | | ୦.୮୫ | |

ତହସିଲଦାର,ଜମନକିରା
ତହସିଲଦାର
ଜମନକିରା

ଜ୍ଞାପକସଂଖ୍ୟା...୧୯୨... ତା...୩୦.୦୪.୨୦୨୪...

ଏହାର ଏକକିତାନକଲସରପଞ୍ଚ,ଗୁଣ୍ଡୁରୁଟୁଆଁ/ଗୁଣ୍ଡୁରୁଟୁଆଁ ରାଜସ୍ୱନିରୀକ୍ଷକ, ପାଖକୁ ବହୁଳ ପ୍ରଚାର ସକାଶେ ପ୍ରେରଣ କରାଗଲା। ଏକ ନକଲ ଏହି କାର୍ଯ୍ୟାଳୟର ବିଜ୍ଞପ୍ତି ଫଳକରେ ଲଗାଗଲା।

ତହସିଲଦାର,ଜମନକିରା
ତହସିଲଦାର
ଜମନକିରା

ଜ୍ଞାପକସଂଖ୍ୟା...୧୯୩... ତା...୩୦.୦୪.୨୦୨୪...

ଏହାର ଏକକିତା ନକଲ District e-Governance Manager (DeGM),Sambalpurଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତିହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର,ଜମନକିରା
ତହସିଲଦାର
ଜମନକିରା